ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୧ ଡିସେମ୍ବର, ୨୦୨୫ | ସୋମବାର

ଓଡ଼ିଶା ଏକ୍ସପ୍ରେସ


## ପରିସଂଖ୍ୟାନ ପରର ପଦକ୍ଷେପ କ'ଣ ?

ଯେ କୌଣସି ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ପରିସଂଖ୍ୟାନର ଆବଶ୍ୟକତା ପଡିଥାଏ। ଏକ ତ୍ରୁଟିଶୂନ୍ୟ ପରିସଂଖ୍ୟାନ ଯୋଜନାକୁ ସଫଳ କରାଇଥାଏ। କିନ୍ତୁ କେବଳ ଏକ ନିଭୁଲ ପରିସଂଖ୍ୟାନ ଯେ, ଲୋକଙ୍କୁ ସେବା ଯୋଗାଇ ପାରିବ ଏବଂ ଏଥିରେ ସମସ୍ୟାର ସମାଧାନ ହୋଇଯିବ ଏକଥା ଭାବିବା ଭୁଲ।

ପରିସଂଖ୍ୟାନ କହୁଛି-ଆମ ଦେଶ ଦୁର୍ନୀତିଗ୍ରସ୍ତ ଦେଶ ତାଲିକାରେ ଚିନ୍ତାଜନକ ସ୍ଥାନରେ ରହିଛି। ଦେଶରେ ଏତେ ସଂଖ୍ୟକ ଶିଶୁ ପୃଷ୍ଟିହୀନତାର ଶିକାର, ଦେଶରେ ଏତେ ସଂଖ୍ୟକ ଶିଶୁ ଶ୍ରମିକ ଅଛନ୍ତି, ଦାଦନ ଶ୍ରମିକଙ୍କ ସଂଖ୍ୟା ଏତେ, ଏତେ ସଂଖ୍ୟକଙ୍କ ଶୀତଳ ଭଣ୍ଡାରରର ଆବଶ୍ୟକତା ରହିଛି, ଅଛି ମାତ୍ର ଏତିକି। ହାତୀ ସଂଖ୍ୟା ଏତେ ରହିଛି, ବାଘ ସଂଖ୍ୟା ଏତେ ଏଭଳି ଅନେକ ପରିସଂଖ୍ୟାନ ଆମେ ଦେଖିବାକୁ ପାଉ। ଏଥିପାଇ ଯେଉଁ ସର୍ଭେକ୍ଷଣ କରାଯାଏ ସେଥିରେ ମଧ୍ୟ କୋଟି କୋଟି ଟଙ୍କା ଖର୍ଚ୍ଚ ହୁଏ। ନିକଟରେ ରାଜଧାନୀରେ ବୁଲା କୁକୁରଙ୍କ ଏକ ନିର୍ଭୁଲ ଗଣନା କରାଯାଇଥିଲା। ଜଣାଗଲା କେତେ ବୁଲା କୁକୁର ଅଛନ୍ତି ଯେଉଁ ୱାର୍ଡରେ। ବନ୍ଧ୍ୟାକରଣ କେତେକଙ୍କୁ କରାଯାଇଛି, ଆଉ କେତେ ରହିଲେ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି- ପରିସଂଖ୍ୟାନ ତଥ୍ୟ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ଲୋକଙ୍କୁ କେବଳ ପରିସଂଖ୍ୟାନର ତଥ୍ୟ ଯୋଗାଇ ଦେଲେ କ'ଣ ସେମାନଙ୍କ ସମସ୍ୟାର ସମାଧାନ ହୋଇଯିବ ?

ଏତେ ସଂଖ୍ୟକ ଯୋଗ୍ୟ ହିତାଧିକାରୀ ଘର ପାଇନାହାନ୍ତି, ଏତେ ସଂଖ୍ୟକ ଅଯୋଗ୍ୟ ବ୍ୟକ୍ତି ରାସନ କାର୍ଡ ହାତେଇଛନ୍ତି- ଏସେବୁ ସମସ୍ୟାର ସମାଧାନ କିଭଳି କରାଯିବ ସେ ଦିଗରେ ଚିନ୍ତା କରାଯିବା ଦରକାର। ଅଯୋଗ୍ୟ ହିତାଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ, ଯେଉଁମାନେ ଚଞ୍ଚକତା କରି କାର୍ଡ ହାତେଇଛନ୍ତି।

ଏତେ କଥା କହିବାର ମୂଳ ଉଦ୍ଦେଶ୍ୟଟି ହେଉ-ନିକଟରେ ରାଜଧାନୀରେ କୁକୁର ଗଣନା କରାଯାଇଥିଲା। ଏହାକୁ ତ୍ରୁଟିଶୂନ୍ୟ କରିବା ପାଇଁ ବିଏମସି ସହିତ ଅନ୍ୟାନ୍ୟ ବିଭାଗର କର୍ମଚାରୀମାନେ ମଧ୍ୟ ସାମିଲ ହୋଇଥିଲେ। ଯେଉଁ ପଦ୍ଧତିରେ କୁକୁର ଗଣନା କରାଗଲା ସେଭଳି ଗଣନା ପୂର୍ବରୁ କୌଣସି ରାଜ୍ୟ ଗରିନାହାନ୍ତି ବୋଲି ଖବର ପ୍ରକାଶ ପାଇଥିଲା। ଖୁବ୍ ତ୍ରୁଟିଶୂନ୍ୟ ଭାବରେ ଏହି କାର୍ଯ୍ୟଟିକୁ କରାଯାଇଥିଲା। ଏବେ ପ୍ରତିଟି ସହରରେ ବୁଲା କୁକୁରଙ୍କ ସଂଖ୍ୟା ବଢିଛି। ଏମାନଙ୍କ ପାଇଁ ଜୀବନଯାତ୍ରା ପ୍ରଭାବିତ ହେଉଛି। କଟକ ସହରରେ ଆତଙ୍କ ଖେଳାଇଛନ୍ତି ବୁଲା କୁକୁରମାନେ । ମାସକ ଭିତରେ ୨୦ରୁ ଅଧିକ ଦୁର୍ଘଟଣା ଘଟିଛି କୁକୁରଙ୍କ ପାଇଁ। ଲୋକେ ନିଜକୁ ନିରାପଦ ମଣୁନାହାନ୍ତି। ରାତିରେ ଭୟ ଅଧିକ। ଖୋଦ୍ ରାଜଧାନୀର ସ୍ଥିତି ମଧ୍ୟ ଅଣାୟତ।

ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ ଅବା କୌଣସି ସରକାରୀ ଅନୁଷ୍ଠାନ କେଉଁଠି ବି ବୁଲା କୁକୁର ରହିବେନି। ଯେଉଁଠି ବୁଲା କୁକୁର ଦେଖାଯାଉଛନ୍ତି ସେମାନଙ୍କୁ ଧରି ଆଶ୍ରୟ ସ୍ଥଳିରେ ଛାଡ। ଟିକାକରଣ ଓ ବନ୍ଧ୍ୟାକରଣକୁ ବ୍ୟାପକ କର। ବୁଲା କୁକୁର କାମୁଡା ସଂଖ୍ୟାର ଚିନ୍ତାଜନକ ସ୍ଥିତିକୁ ଦେଖି ଚଳିତ ମାସ ପ୍ରଥମ ସପ୍ତାହରେ ଏଭଳି କଡା ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। କିନ୍ତୁ ରାଜ୍ୟ ସରକାର ଅଦ୍ୟାବଧି ସୁପ୍ରିମକୋର୍ଟଙ୍କ ଆଦେଶକୁ କଡା କଡି ଅନୁପାଳନ କରିନାହାନ୍ତି। କେବଳ କୁକୁର ଗଣନାରେ ସିମିତ ରହିଛି ସରକାରଙ୍କ ଦାୟିତ୍ୱ। ତେଣୁ ପରିସଂଖ୍ୟାନ ପରର କାର୍ଯ୍ୟାନୁଷ୍ଠାନ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ହାତୀ ଗଣତି କରିଦେଲେ ଯେ, ହାତୀ ଆଉ କ୍ଷେତ ଉଜାଡିବେନି ଏବଂ କୁକୁର ଗଣନା ନିଭୁଲ ଭାବରେ କରିଦେଲେ ଯେ, ଲୋକେ ସୁରକ୍ଷିତ ହୋଇଯିବେ ଏବଂ ସମସ୍ୟାର ସମାଧାନ ହୋଇଯିବ ଏକଥା ଭାବିବା ଭୁଲ।

# ଜୀବନର ଶେଷ ସତ୍ୟ

ମଣିଷ ଜୀବନ ଭଲ-ମନ୍ଦ ଏବଂ ସୁଖ-ଦୁଃଖର ପ୍ରୟୋଗଶାଳା । ତେଣୁ ଆମର ଜୀବନଧାରା ବିଶ୍ଳେଷଣ କଲେ ମନରେ ସହସ୍ର ପ୍ରଶ୍ନ ସୃଷ୍ଟି ହୁଏ । ହେଲେ ସବୁ ପ୍ରଶ୍ନର ଉତ୍ତର ଖୋଜିଲେ ମିଳେନା ।

ଅତୀତରେ ଏହି ସ୍ତମ୍ଭରେ ଏହିପରି କେତେକ ପ୍ରଶ୍ନର ଉତ୍ତର ଖୋଜିବା ଅବସରରେ ମୁଁ ବିଭିନ୍ନ ଦିଗରୁ ଏହାର ତର୍ଜମା କରିଛି । ଏହିସବୁ ପ୍ରଶ୍ନର ଉତ୍ତରର ଯଥାର୍ଥତା ପ୍ରତିପାଦନ ପାଇଁ ମୁଁ ଅଜସ୍ର ଯୁକ୍ତି ଏବଂ ଅୟୁତ ଶବ୍ଦର ଆଶ୍ରୟ ନେଇଛି । ଫଳରେ ଗୋଟିଏ ଗୋଟିଏ ବିଷୟ ଖବରକାଗଜର ପାଖାପାଖି ଅଧପୃଷ୍ଠା ମାଡ଼ିବସିଛି । ତେଣୁ ଆଜି ଅଳ୍ପ ଶବ୍ଦରେ ଅନେକ ପ୍ରଶ୍ନର ଉତ୍ତର ।

ଆଜି ଲେଖାରେ ପ୍ରଦତ୍ତ ପ୍ରଶ୍ନୋତ୍ତର ପଢ଼ିବା ପରେ ଅନେକେ ପ୍ରଶ୍ନ କରିପାରନ୍ତି- ଏହା କ'ଣ ପାଣ୍ଡିତ୍ୟ ପ୍ରଦର୍ଶନର ଏକ ସୁଚିନ୍ତିତ କୌଶଳ?

ଏ ପ୍ରଶ୍ନର ଉତ୍ତରରେ ମୁଁ ଏତିକି କହିବି- ଏଥିରେ ପାଣ୍ଡିତ୍ୟ ଫାଣ୍ଡିତ୍ୟ କିଛି ନାହିଁ । ଏ ସବୁ ନିରୁତା ଉପଲବ୍ଧି ଏବଂ ହାଲୁକା ମନୋରଞ୍ଜନ ।

**ଭଲ-ମନ୍ଦର ସଂଜ୍ଞା?**

– ଉଭୟେ ସଂଜ୍ଞାହୀନ । ଆବଶ୍ୟକତା ଅନୁଯାୟୀ ଅସ୍ତିତ୍ୱ ଜଣାପଡ଼େ । ଚିନି ଶରୀରପାଇଁ ଉପଯୋଗୀ, ତେଣୁ ଭଲ । କିନ୍ତୁ ମଧୁମେହ ରୋଗୀର ଶରୀରପାଇଁ ଏହା ମନ୍ଦ । ନେତା ସମାଜପାଇଁ ଭଲ । କିନ୍ତୁ ନୀତିହୀନ ନେତା ସମସ୍ତଙ୍କପାଇଁ ମନ୍ଦ ।

**ଭଲ ମଣିଷ କିଏ ?**

– ଯିଏ ଭଲ-ମନ୍ଦର ସଂଜ୍ଞା ବୁଝେନା ।

**ସବୁଠାରୁ ମାରାତ୍ମକ ବ୍ୟକ୍ତି କିଏ ?**

– ବିଶ୍ୱାସଘାତକ । ବିଷଠାରୁ ଆହୁରି ବିଷାକ୍ତ । ତଥାପି ବିଷ ଖାଇଲେ ମଣିଷ ବଞ୍ଚି ଯାଇପାରେ, କିନ୍ତୁ ବିଶ୍ୱାସଘାତକର ଦଂଶନରେ ଏତେ ଜହର ମୃତ୍ୟୁ ସୁନିଶ୍ଚିତ !

**ସୁଖୀ ମଣିଷ କିଏ ?**

– ଯାହା ପାଖରେ ଶାନ୍ତି ଅଛି । ସୁଖ ଥିଲେ ଶାନ୍ତି ନଥାଇପାରେ, କିନ୍ତୁ ଘରେ ଶାନ୍ତି ଯେବେ ଆସେ ତା' ସହିତ ସୁଖ ବି ପଶେ ।

**ମଣିଷ କ'ଣ ସହିପାରେ ଆଉ କ'ଣ ପାରେନା ?**

– କଷ୍ଟ ସହିପାରେ, କିନ୍ତୁ ଦୁଃଖ ସହିବା ଭାରି କଷ୍ଟ !

**ଦୁଃଖର କାରଣ ?**

– ପ୍ରାପ୍ତି ଆଶା । ଯାହାର ଯେତେ ପାଇବାକୁ ଇଚ୍ଛା ତା' କପାଳରେ ସେତେ ଦୁଃଖ ।

**ହିଂସ୍ରତା କାହାକୁ କହିବା ?**

– ଅନ୍ୟକୁ ସହି ନପାରିବା ।

**ପାଶବିକତା କ'ଣ ?**

– ମଣିଷପଣିଆର ବସ୍ତୁବାଦୀ ପ୍ରୟୋଗ ।

**ମଣିଷ କ'ଣ କଲେ ଉପରକୁ ଯାଏ ?**

– ଆଖି ବୁଜିଦେଲେ । ଅନ୍ୟର ଅଭାବ ଅସୁବିଧା ଆଡ଼କୁ ଦୃଷ୍ଟି ନଦେଲେ ଜଣେ ଅକ୍ଲେଶରେ ଉପରକୁ ଉଠିପାରିବ ।

**ଆଖି ବୁଜିଲେ କ'ଣ ଦିଶେ ?**

– ସ୍ୱପ୍ନ ଏବଂ ସତ୍ୟ ।

**ଆଖି ଖୋଲିଲେ କ'ଣ ଦିଶେନାହିଁ ?**

– ବାସ୍ତବତା ।

**ସତ୍ୟ ଏବଂ ମିଥ୍ୟା ମଧ୍ୟରେ ଫରକ୍ କ'ଣ ?**

– କହିବାର ଭଙ୍ଗୀ । ମହାଭାରତ ଯୁଦ୍ଧ କାଳରେ ଧର୍ମରାଜ ଯୁଧିଷ୍ଠିର "ଅଶ୍ୱତ୍ଥମା ହତ..." କହି ଏହାର ପ୍ରମାଣ ଦେଇଛନ୍ତି ।

**ସର୍ବାପେକ୍ଷା ଦୁରାରୋଗ୍ୟ ତିନୋଟି ବ୍ୟାଧି ?**

– ଈର୍ଷା, ଅସୂୟା ଏବଂ ସନ୍ଦେହ ।

**ସବୁଠାରୁ ଦାମିକା ଔଷଧ ?**

– ପ୍ରାଣଖୋଲା ହସ ।

**ସବୁଠାରୁ ଦାମିକା ପଦାର୍ଥ ?**

– ଚରିତ୍ର । ତେବେ ଆଜିକାଲି ଏହାର ମୂଲ୍ୟାୟନ କେହି କରୁ ନଥିବାରୁ ଏହାର ଦାମ୍ କେତେ ଜାଣିବା ମୁସ୍କିଲ୍ ହୋଇପଡ଼ିଛି । ଏହା ବସ୍ତୁତଃ ଏବେ ମୂଲ୍ୟହୀନ ହୋଇପଡ଼ିଛି ।

**ସବୁଠାରୁ ଶସ୍ତା ?**

– ଧନୀପଣିଆ । ପାଣିଫୋଟକାଠାରୁ ମଧ ତୁଚ୍ଛ !

**ସବୁଠାରୁ ଶସ୍ତା ନୀତି କେଉଁଟା ?**

– ସାନ ଛୁଆକୁ ବି ଏହାର ଉତ୍ତର ଜଣା । ତଥାପି କହିରଖେ-ରାଜନୀତି । ଆକ୍ଷରିକ ଅର୍ଥ ଶ୍ରେଷ୍ଠ ନୀତି । କିନ୍ତୁ ସବୁ ହୀନ କାର୍ଯ୍ୟର ଇଏ ବିଷୟ ଖସଡ଼ା ।

**ସବୁଠାରୁ ଲୋକପ୍ରିୟ ନୀତି ?**

– ଦୁର୍ନୀତି ।

**କ'ଣ କଲେ ଦୁର୍ନୀତି ଦୂର ହୋଇପାରିବ ?**

– ଏଇ ଶବ୍ଦଟିକୁ ଭୁଲିଯାଇ ପାରିଲେ ।

**ମଣିଷ କାହାଠାରୁ ଦୂରେଇଯାଇ କାହାର ନିକଟତର ହୋଇଛି ?**

– ବାସ୍ତବତାଠାରୁ ଦୂରେଇଯାଇ ବସ୍ତୁବାଦ ଆଡ଼କୁ ତୀବ୍ର ବେଗରେ ଅଗ୍ରସର ହେଉଛି ।

**ବସ୍ତୁବାଦ କି ଜିନିଷ ?**

– ନିଜକୁ ଚିହ୍ନି ନପାରିବାର ବ୍ୟସ୍ତତା । ବସ୍ତୁରେ ବ୍ୟକ୍ତିର ବିଲୟ । ବାସଗୃହର ନମ୍ବରରେ ବାସ କରୁଥିବା ଲୋକର ନାଁ ଯେତେବେଳେ ହଜିଯାଏ । ୧୦-ଜନପଥ, ୭-ରେସ୍‌କୋର୍ସ ଇତ୍ୟାଦି ଇତ୍ୟାଦି.... ।

**ପୃଥିବୀରୁ କେଉଁ ଧର୍ମ ଲୋପ ପାଇଆସୁଛି ?**

– ମାନବ ଧର୍ମ ।

**ଆଉ ବଢୁଛି ?**

– ଅଧର୍ମ ।

**ଭଗବାନ କିଏ ?**

– ଅନେକ ଅନ୍ୟାୟ ବରଦାସ୍ତ କରେ ଯିଏ ।

**ମଣିଷର କ'ଣ ଅଛି ଯାହା ଭଗବାନଙ୍କର ନାହିଁ ?**

– ହୃଦୟ । ହୃଦୟ ଥିଲେ ଏ ପୃଥିବୀରେ ଏତେ ଦୁଃଖ, କଷ୍ଟ, ଯନ୍ତ୍ରଣା ନଥାନ୍ତା । ଭଲଲୋକେ ଭଲରେ ପଛେ ନଚଳନ୍ତୁ ମାନସିକ ଯନ୍ତ୍ରଣା ଭୋଗୁନଥାନ୍ତେ ।

**ଲୁହ ଏବଂ ଲହୁରେ ଫରକ୍ କ'ଣ ?**

– ଲହୁର ରଙ୍ଗ ଲାଲ୍ । ତେବେ କାହାର ଟିକେ ଗାଢ଼ା ତ କାହାର ଟିକେ ଫିକା । ଲୁହରେ ଏ ଫରକ୍ ନାହିଁ ।

**କଳି ଯୁଗର ବିଶେଷତ୍ୱ କ'ଣ ?**

– ଯିଏ କଳିପାରିଲା ସିଏ ଚଳିପାରିଲା ।

**ଅଛି କ'ଣ ?**

– ରତି, ଗତି ଏବଂ ତାତି (ଗାଡ଼ିମୋଟର ଯୋଗୁଁ ତାପମାତ୍ର ବଢ଼ୁଛି) ।

**ଆଜିକାଲି ସବୁଠାରୁ ବେଶୀ ବଦଳିଛି କ'ଣ ?**

– ଭୋକ (ଦୈହିକ) ଆଉ ଭେକ । ଭେକ ବଦଳିଯିବାରୁ ଏବେ ସମସ୍ତେ ଭୋକିଲା ।

**କେଉଁ ନିଆଁ ନିଆଁରେ ଲିଭେ ?**

– ପେଟର ନିଆଁ ଚୁଲି ନିଆଁରେ ଲିଭେ । ଚୁଲିରେ ହାଣ୍ଡି ବସିଲେ ଭୋକ ମରେ ।

**ଆଉ ପେଟ ତଳର ନିଆଁ ?**

– ଯୁଇ ନିଆଁରେ ଲିଭେ ।

**ପୁରୁଷ କେଉଁଠି ଜିତେ, କେଉଁଠି ହାରେ ?**

– ସୀମାନ୍ତରେ ଜିତେ, ସିମନ୍ତିନୀ ପାଖରେ ହାରେ । ସମରରେ ବିଜୟୀ ବୀର ଶଯ୍ୟାରେ ପରାସ୍ତ ହେବାର ସମସ୍ତ ସମ୍ଭାବନା ରହିଛି ।

**ସ୍ୱାମୀ ଏବଂ ପ୍ରେମିକ ମଧ୍ୟରୁ କାହାର ହଜମ ଶକ୍ତି ବେଶୀ ?**

– ସ୍ୱାମୀର । ସେ ଅନେକ କିଛି ହଜମ କରି ସ୍ତ୍ରୀ ସହିତ ମଲାଯାଏଁ ଘରକରି ରୁହେ ।

**ମଣିଷର କେଉଁ ଅଙ୍ଗରେ ଉଭୟ ବିଷ ଏବଂ ଅମୃତ ଉପଲବ୍ଧ?**

– ମୁଖଗହ୍ୱର- ମୁଖଗହ୍ୱର ଶବ୍ଦର ମହାସମୁଦ୍ର । ଏଥିରେ ଥିବା ଜିହ୍ୱା ହେଉଛି ମନ୍ଦର ପର୍ବତ । ମନ୍ଦର ପର୍ବତରେ ସମୁଦ୍ର ମନ୍ଥନ ହେଲେ ଉଭୟ ବିଷ ଏବଂ ଅମୃତ ବାହାରେ । ଆଜିକାଲି ଶିବ କାହାନ୍ତି, ଯିଏ ସମାଜର ମଙ୍ଗଳ ପାଇଁ ବିଷପାନ କରିବେ? ତେଣୁ ପରିବେଶ ଅତ୍ୟନ୍ତ ବିଷାକ୍ତ ।

**ଆଉ ଅମୃତ?**

– ଅମୃତ ଏବେ କାଗଜପୃଷ୍ଠାରେ ଅକ୍ଷର ରୂପରେ ଅମୃତବାଣୀ ଭାବେ ଶୋଭା ପାଉଛି! ପ୍ରୟୋଗ କମ୍ ।

**ଜୀବନର ଶେଷ ସତ୍ୟ କ'ଣ ?**

– ତ୍ୟାଗ । ଏ ଶରୀରକୁ ଦିନେନା ଦିନେ ଆତ୍ମା ତ୍ୟାଗ କରିବ । କେବଳ ବୌଦ୍ଧିକ ସ୍ତରରେ ନୁହେଁ, ସାଧାରଣ ଭାବେ ଦେଖିଲେ ତ୍ୟାଗ ହେଉଛି ଏକ ନିଷ୍ଠୁର ସତ୍ୟ । ସ୍ଥୂଳଭାବେ କହିଲେ- ମଳ, ମୂତ୍ର ଏବଂ ଅଙ୍ଗାରକାମ୍ଳ ତ୍ୟାଗ ପ୍ରକ୍ରିୟା ଯଦି ସୁଚାରୁରୂପେ ସମ୍ପାଦିତ ନହୁଏ ବା ଅଟକିଯାଏ ତେବେ ଜୀବନରକ୍ଷା ଅସମ୍ଭବ । ତ୍ୟାଗରୁ ହିଁ ତ ମଣିଷର ସୃଷ୍ଟି । ଶାରୀରିକ ମିଳନର ପରମାନନ୍ଦଜନିତ ପୁରୁଷର ତ୍ୟାଗ ଫଳରେ ନାରୀ ଶରୀରରେ ନୂତନ ଜୀବନ ସଂଚାର ହୁଏ । ସେଇ ଆତ୍ମା ଶେଷକୁ ସେଇ ତ୍ୟାଗରୁ ସୃଷ୍ଟ ଶରୀରକୁ ଦିନେ ତ୍ୟାଗ କରେ । ତ୍ୟାଗ ସୃଷ୍ଟି ଓ ବିଳୟର ବୀଜମନ୍ତ୍ର । ତ୍ୟାଗରେ ହିଁ ଚରମ ତୃପ୍ତି – ପରମ ପ୍ରାପ୍ତି... ।

## ... ବାଜିଗଲେ ଦୋଷ ନାହିଁ

ଉମାପଦ

### ମଶା ପରି ଜୀବଟିଏ

ମଣିଷ ଜୀବଜଗତରେ ଶ୍ରେଷ୍ଠ ପ୍ରାଣୀର ମର୍ଯ୍ୟାଦା ପାଇଛି । ମଣିଷ ଯାହା କରିପାରେ ତାହା ଅନେକ ପ୍ରାଣୀ ପକ୍ଷରେ କରିବା ସମ୍ଭବ ନୁହେଁ । କାରଣ ମଣିଷର ମସ୍ତିଷ୍କରେ ବିବେକ ନାମକ ସେଇ ନିୟନ୍ତ୍ରଣ କକ୍ଷ ରହିଛି ଯେଉଁଠି ଭଲ-ମନ୍ଦର ମାପଚୁପ ହୁଏ । ହେଲେ ଏଇ ମଣିଷ ବେଳେବେଳେ ଏମିତି କାମ କରେ ସେ କାମ ଜୀବଜଗତରେ କେବଳ ଗୋଟିଏ ଜୀବ ହିଁ କରିଥାଏ । ଏଇ ଜୀବଟି କିଏ? ଇଏ ଆଉ କେହି ନୁହେଁ ଆମର ଅତି ପରିଚିତ ମଶା । ତେଣୁ ମଣିଷ କାହା ସହ ତୁଳନୀୟ ବୋଲି ଯଦି ପ୍ରଶ୍ନ ଉଠେ ତେବେ ଅନେକେ କହିବେ ମଣିଷ ମଶା ସହ ତୁଳନୀୟ ।

ଆସନ୍ତୁ ଦେଖିବା ମଶା ସହିତ ମଣିଷର କି ପ୍ରକାର ଆଚରଣଗତ ସାମଞ୍ଜସ୍ୟ ରହିଛି ।

ମଶା ମଣିଷ ଶରୀରରୁ ରକ୍ତ ଶୋଷି ଖାଏ । ତେବେ ଏହାର ପରିମାଣ ଅତି ନଗଣ୍ୟ । ଗୋଟିଏ ମଶା ଥରକେ ମଣିଷ ଶରୀରରୁ ଗୋଟିଏ ମିଲିମିଟରର ହଜାରର ଭାଗରୁ ଭାଗେ ରକ୍ତ ଶୋଷିଥାଏ । ତେଣୁ ଗାଣିତ୍ୟିକ ହିସାବରେ ପୂରା ଶରୀରର ରକ୍ତ ଶୋଷିବାକୁ ହେଲେ ପାଖାପାଖି ୧୦ ଲକ୍ଷ ମଶାଙ୍କର ଆବଶ୍ୟକତା ରହିଛି । ଏଇ ଦୃଷ୍ଟିରୁ ଦେଖିଲେ ଗୋଟିଏ ବୁନ୍ଦା ରକ୍ତ ଶୋଷିବା ପାଇଁ ୫୦ ମଶା ଆବଶ୍ୟକ । ତେଣୁ ମଶା କାମୁଡ଼ାରେ ଆମ ଦେହରୁ ବେଶି ରକ୍ତ ଯାଏନାହିଁ । ଗଲେ ବି ସେ ରକ୍ତ ଅଳ୍ପ କେଇ ମୁହୂର୍ତ୍ତରେ ତିଆରି ହୋଇଯାଏ । ରକ୍ତଦାନ ଶିବିରରେ ଜଣକୁ ପାଖାପାଖି ୨୦୦ରୁ ୩୦୦ ମିଲିଲିଟର ରକ୍ତ ଦେବାକୁ ପଡ଼ିଥାଏ । ଏଇ ତୁଳନାରେ ମଶା ଯେତିକି ରକ୍ତ ଶୋଷେ ସେଥିରେ ମଣିଷର ଆଦୌ କିଛି କ୍ଷତି ହେବାର ସମ୍ଭାବନା ନାହିଁ । ହେଲେ ମଶା ଆମ ଶରୀରର ସବୁଠାରୁ ଦାମୀକା ଜିନିଷ ନେଇ ତା' ବଦଳରେ ସେ ଆମକୁ ଯାହା ଦେଇଯାଏ ତା'ର ଭରଣା କରିବା ବେଳେବେଳେ ସମ୍ଭବ ହୁଏନାହିଁ । ମଶା ଲହୁ ନିଏ, ଲୁହ ଦିଏ । ଶରୀରରେ ରୋଗ ସୃଷ୍ଟି କରି ଯମ ଦୁଆରକୁ ବାଟ କଢ଼ାଏ । ଏହାଠାରୁ ବଡ଼ ନିମକହାରାମୀ ଆଉ କ'ଣ ? ସେ ଆମ ରକ୍ତ ନେଇ ବଂଶ ବିସ୍ତାର କରି ଆମକୁ ନିର୍ବଂଶ କରେ ।

ଏଇ ଧରଣର କାର୍ଯ୍ୟକଳାପ ଆଉ କାହାଠାରେ ଦେଖିବାକୁ ମିଳିଥାଏ?

– ବୋଧହୁଏ ମଣିଷଠାରେ । ମଣିଷ ଯାହାଠୁ ନିଏ ତାକୁ ହିଁ ପାନେ ଦିଏ । ଏହାର କୋଟି କୋଟି ନମୁନା ଏ ଦୁନିଆରେ ରହିଛି । ସାଧାରଣ ଜୀବନଠୁ ନେଇ ବୈବାହିକ ଜୀବନ, ରାଜନୈତିକ ଜୀବନ, ସବୁଠି ମଶା କାମୁଡ଼ାର ଯନ୍ତ୍ରଣା ଏବଂ ପରିଣାମ । ଆମ ଭିତରୁ କେହି ନା କେହି କେବେ ନା କେବେ ମଶା କାମୁଡ଼ାର ଏହି ପ୍ରକ୍ରିୟାଟି ନିଶ୍ଚେ ଅନୁଭବ କରିଥିବେ । ତେଣୁ ମଶା ଯଦି ଖାଲି ରକ୍ତ ନେଇଯାଉଥାନ୍ତା ତା'ହେଲେ ସେ ଜାଗାଟା ଟିକେ କୁଣ୍ଡେଇ ହୁଅନ୍ତା କି ପୋଡ଼ନ୍ତା । ଏଇ ଜ୍ୱଳନ ସହିହେବ, କିନ୍ତୁ ମଶା କାମୁଡ଼ିବା ପରେ ଯାହା ହୁଏ ତା'ର ଚିକିତ୍ସା ବ୍ୟବସ୍ଥା ବେଳେବେଳେ ଡାକ୍ତରଙ୍କ କ୍ଷମତା ବାହାରକୁ ଚାଲିଯାଏ । ଠିକ୍ ମଣିଷ ଭଳି । ମଣିଷ ବେଳେ ବେଳେ ଉପକାରୀ ଲୋକକୁ ଏମିତି ଚୋଟ ଦିଏ ସେ ଚୋଟ ସମ୍ଭାଳିବା ସମ୍ଭବପର ହୁଏନାହିଁ । ବେଳେବେଳେ ଜୀବନ ଚାଲିଯାଏ । କ'ଣ ମୋ ତୁଳନାରେ କିଛି ଭୁଲ୍ ଅଛି?

ତେବେ ଏଠାରେ ସ୍ପଷ୍ଟ କରିଦେବା ଉଚିତ୍ ହେବ ଯେ ସବୁ ମଶା କାମୁଡ଼ିଲେ ରୋଗ ହୁଏନାହିଁ କି ସବୁ ମଶା ମଣିଷ ଦେହରୁ ରକ୍ତ ଶୋଷେ ନାହିଁ । ଠିକ୍ ସେମିତି ସବୁ ମଣିଷ ଉପକାରୀ ଲୋକର କ୍ଷତି କରନ୍ତି ନାହିଁ । କିଛି କିଛି ଲୋକଙ୍କର ଆଚରଣ ଦେଖିଲେ ମଶାର ଏ ପ୍ରକୃତି ମନେପଡ଼େ । ଆଉ ଲାଗେ ମଣିଷ ଠାରେ ବୋଧେ ମଶାର ପ୍ରକୃତି ରହିଛି । ସେତେବେଳେ ମନେହୁଏ ମଶା ଓ ମଣିଷ ଭିତରେ ବିଶେଷ କିଛି ପାର୍ଥକ୍ୟ ନାହିଁ ।

## ପ୍ରକୃତିର ନିୟମ କାହାକୁ ଛାଡ଼େ ନାହିଁ


ସତ କହିବାକୁ କିଆଁ ଡରିବି

ଅମ୍ବିକା ପ୍ରସାଦ ଦାସ

ନବୀନବାବୁଙ୍କର ଏବେ ପରିଣତ ବୟସ । ୨୦୨୪ରେ ବିଜେଡି ତାଙ୍କ ନେତୃତ୍ୱରେ କ୍ଷମତାଚ୍ୟୁତ ହେଲା, ୨୦୨୫ ଉପନିର୍ବାଚନରେ ଦଳ ତୃତୀୟ ସ୍ଥାନକୁ ଚାଲିଗଲା, ପାର୍ଲାମେଣ୍ଟରେ ଖାତା ବି ଖୋଲି ନପାରିବା ତାଙ୍କ ପାଇଁ ଯେ ନିଶ୍ଚେ ଯନ୍ତ୍ରଣାଦାୟକ ଏଥିରେ ସନ୍ଦେହ ନାହିଁ । ଏତିକି ବେଳେ ସେ ଟିକେ ପଛକଥା ଭାବିବା ଉଚିତ୍ । ତାଙ୍କ ଦ୍ୱାରା ଆଘାତପ୍ରାପ୍ତ ଲୋକମାନେ ଆଘାତ ପାଇଲା ବେଳେ କେତେ କଷ୍ଟ ପାଇ ନଥିବେ!!

ଦୁଇଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ଧରି ନିଜକୁ ଅପରାଜେୟ ଭାବୁଥିବା ନବୀନ ପଟ୍ଟନାୟକ ୨୦୨୪ ସାଧାରଣ ନିର୍ବାଚନରେ ଦୁଇଟିରୁ ଗୋଟିଏ ଆସନରେ ପରାଜୟ ବରଣ କଲେ । ଏଥିସହିତ ରାଜ୍ୟରେ ଶାସନ ପାଇଁ ଆସନ ମିଳିଲାନି ତାଙ୍କ ଦଳକୁ । ସଦ୍ୟ ଅନୁଷ୍ଠିତ ନୂଆପଡ଼ା ଉପନିର୍ବାଚନରେ ତାଙ୍କ ଦଳ ହାତରେ ଥିବା ଆସନ ଖାଲି ଯେ ବିଜେପି ପାଖକୁ ଚାଲିଗଲା ତା' ନୁହେଁ କଂଗ୍ରେସଠୁ ବି ପଛରେ ରହିଲେ ତାଙ୍କ ପ୍ରାର୍ଥୀ । ଏପରି ଶୋଚନୀୟ ପରାଜୟ ନବୀନବାବୁଙ୍କୁ ଭୀଷଣ ଆଘାତ ଦେଇନଥିବ? ଏହି ପ୍ରଶ୍ନ କରିଥିଲେ ଜଣେ ପ୍ରିୟଜନ ନୂଆପଡ଼ା ଉପନିର୍ବାଚନ ଫଳାଫଳ ଘୋଷଣା ପରେପରେ ।

ମୁଁ ତାଙ୍କ କଥାରେ ଅସମ୍ମତ ହେବାର କିଛି ନଥିଲା । ତେବେ ପାଲଟା ପଚାରିଲି- ୨୫ ବର୍ଷ ତଳେ ନିଜ ହାତଗଢ଼ା ଦଳର ଟିକେଟ୍ ...

ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅତର୍କିତ ଚୋଟ୍ ଖାଇଥିଲେ ବିଜୟ ମହାପାତ୍ର । ନାମାଙ୍କନ ଦାଖଲର ଶେଷ ମୁହୂର୍ତ୍ତରେ ଶ୍ରୀ ମହାପାତ୍ରଙ୍କ ପାଖରୁ ବିଜେଡି ଟିକେଟ୍ କାଢ଼ି ନେଇଥିଲେ ... ପର୍ଯ୍ୟନ୍ତ ବଞ୍ଚିଥିଲେ ତାଙ୍କୁ ଯେଉଁ ପଦକ ବେଶୀ ଆଘାତ ଦେଉଥିଲା ତାହା ଥିଲା 'ଦୁର୍ନୀତିର ଛାଇ' । ନବୀନ ବାବୁଙ୍କ ଶାସନ କାଳରେ ତାଙ୍କ ଜୀବନଦୀପ ଲିଭିଗଲା, କିନ୍ତୁ ... ଯିବା ଲାଗି କସରତ କରୁଥିଲେ । ନବୀନବାବୁଙ୍କ ଗାଦୀ କାଳେ ମାଡ଼ିବସିବେ ପ୍ରଚାର କରି ଦିନେ ବିଜୟ ମହାପାତ୍ର ଓ ନଳିନୀ ମହାନ୍ତିଙ୍କ ବିରୋଧରେ ଯେଉଁ ...

ହସ, ପେଟରେ ବିଷ ସ୍ୱଭାବ ନଥିଲା ତାଙ୍କର । ଯେଉଁ କାରଣରୁ ମୁଁ ଯେତେବେଳେ ତାଙ୍କୁ ପ୍ରଶ୍ନ କଲି, ସେ ତାଙ୍କୁ ନ ଏଡାଇ ମୁହଁକୁ ଚଳକୁ କରି ପଦେ କହିଥିଲେ- 'ମୋତେ କୁହାଗଲା' । ତାଙ୍କୁ କିଏ ବା କେଉଁମାନେ ଆମ ବିରୋଧରେ ପ୍ରବର୍ତ୍ତାଇଥିଲେ ସେ କଥା ଜାଣିବା ପାଇଁ ଆଉ ବାଧ କରିନଥିଲି ତାଙ୍କୁ ଏଇଥିପାଇଁ ଯେ, ସେ ଅଧିକ ଭାରାକ୍ରାନ୍ତ ନହୁଅନ୍ତୁ । ଆମ ଖବରକାଗଜ ପାଇଁ ତାଙ୍କଠାରୁ ସାକ୍ଷାତକାର ନେଇ ଫେରିଆସିଥିଲି ମୁଁ । ପରଦିନ 'ଓଡ଼ିଶା ଏକ୍ସପ୍ରେସ'ରେ ତାଙ୍କ ରଙ୍ଗିନ ଫଟୋ ଥାଇ ପୂରା ସାକ୍ଷାତକାର ପ୍ରକାଶ ପାଇଥିଲା ବିସ୍ତୃତ ଭାବେ । କେତେକ ଆମକୁ କହୁଥିଲେ- ନେତା, ଅଫିସର ତାଙ୍କ ପାଖ ମାଡୁନାହାନ୍ତି ତମେ ତାଙ୍କ ସାକ୍ଷାତକାର ପ୍ରକାଶ କରିବାର ରିସ୍କ ନେଉଛ କାହିଁକି?

ମହାଶୟ,

ଚମତ୍କାର ବିଶ୍ଳେଷଣ ।

**ନିରାକାର ଦାସ,**
ପୂର୍ବତନ ରେଳବାଇ ଅଧିକାରୀ

ମହାଶୟ,

ବହୁ ସୁନ୍ଦର ଉପସ୍ଥାପନା । ଆପଣଙ୍କ ଲେଖାର ମୁଁ ସବୁ ଘଟଣାରେ ମୂକ ସାକ୍ଷୀ । ବିଜୁ ଜନତା ଦଳର ଗଠନ, ପ୍ରମୋଦ ମହାଜନଙ୍କ ଆସିବା, ୧୯୯୯ ମହାବାତ୍ୟାରେ ପରିଚାଳନାତ୍ରୁଟି, ପ୍ୟାରୀ ମୋହନ ମହାପାତ୍ରଙ୍କ ସହାୟତା, ନଳିନୀ ବାବୁଙ୍କ କଥା ଆପଣଙ୍କ କାଗଜ ବିଷୟ ତଥା ଓଡିଶାର ସମସ୍ତ ବିଷୟ ବହୁତ ସମୟରେ ପ୍ୟାରୀବାବୁ ଖୋଲାଖୋଲି କୁହନ୍ତି ତାଙ୍କର ପାଖରେ କୌଣସି ଲୁଚ୍ଚାୟିତ ନଥିଲା । ସେ ବହୁତ ପରିଶ୍ରମ କରୁଥିଲେ । ଜ୍ୟୋତିବାବୁଙ୍କ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ରେକର୍ଡକୁ ବିଜୁ ଜନତା ଦଳ ଭାଙ୍ଗିବା ପାଇଁ ସେ ୨୦୦୨ ମସିହାରୁ ଲାଗିଥିଲେ । ସେହି ଅନୁସାରେ କାମ କରୁଥିଲେ । ମୋତେ ବହୁତ ଭଲ ପାଇବା ମୁଁ ଅନୁଭବ କରିଛି ।୧୯୭୪ ମସିହାରେ ଜିଲ୍ଲାପାଳ କେନ୍ଦୁଝର ସମୟରୁ ।

ଲେଖାଟି ବହୁତ ସୁନ୍ଦର ଇତିହାସ । ମୁଁ ଦିଲ୍ଲୀରେ ବହୁ ସମୟ ତାଙ୍କର ସହିତ ଆଲୋଚନା କରିବା ପାଇଁ ସୁଯୋଗ ପାଇଥିଲି ।

**କୃପାନିଧି ବିଶ୍ୱାଳ,** ଭୁବନେଶ୍ୱର

ମହାଶୟ

'ପ୍ରକୃତିର ନିୟମ କାହାକୁ ଛାଡେ ନାହିଁ' ଆଲେଖ୍ୟଟି ସଂପୂର୍ଣ୍ଣ ବାସ୍ତବ ଚିତ୍ରକୁ ଲୋକଲୋଚନକୁ ଆଣିଛନ୍ତି। କେବଳ ପାୱାର ଓ ପଇସା ବଳରେ ବେଇମାନୀ ବୁଝିପାରେ ନାହିଁ ଅନ୍ୟକୁ ଦେଇଥିବା ଆଘାତ କେତେ ଯନ୍ତ୍ରଣାଦାୟକ ହୋଇଥିବ। ପ୍ରକୃତିର ନିୟମ ପ୍ରକୃତ ସମୟରେ ହିଁ ଜବାବ ଦିଏ। ଏହା ସତ୍ୟ ଯେ ଭାଗ୍ୟବାନ ଲୋକ ତା' ଜୀବନକାଳରେ ଏହି ଅନୁରୂପ ଫଳ ଦେଖିବାର ସୁଯୋଗ ପାଏ। ବୀଣାପାଣି ଚୌଧୁରୀ ଭୁବନେଶ୍ୱର

ମହାଶୟ,

ଆପଣା କଲା କର୍ମମାନ, ବେଲୁ ହୋଇବ ସାବଧାନ । ଶାସନ ଗାଦିରେ ବସି, ନିରଙ୍କୁଶ କ୍ଷମତା ଉପଭୋଗ କରିବା ପାଇଁ ନବୀନ ବାବୁ ଯାହା ଯାହା ଠାରୁ ଉପକାର ପାଇଥିଲେ, ଅତି ନିଷ୍ଠୁର ଭାବରେ ସେହି ସମସ୍ତଙ୍କର ମୂଳୋତ୍ପାଟନ କରିଥିଲେ । ସେମାନଙ୍କର ଯନ୍ତ୍ରଣା ସେତେବେଳେ ହୁଏତ ସେ ଅନୁଭବ କରିପାରି ନଥିବେ । କିନ୍ତୁ ଆଜି ଯେତେବେଳେ ତାଙ୍କ ଆଖି ଆଗରେ ଦୀର୍ଘ ଚବିଶ ବର୍ଷର ବିରାଟ ସାମ୍ରାଜ୍ୟ ଖଣ୍ଡ ଖଣ୍ଡ ହୋଇ ଭୁଶୁଡ଼ିବାରେ ଲାଗିଛି ସେତେବେଳେ ସେ ନିଶ୍ଚିତ ଭାବରେ ସେହି ସବଳ ଓ ନିଃସ୍ୱାର୍ଥପର ବନ୍ଧୁ/ସେବକମାନଙ୍କ କଥା ମନେ ପକାଉଥିବେ, ଯେଉଁମାନେ ଦିନ ରାତି ଏକାକାର କରି ତାଙ୍କୁ କ୍ଷମତାସୀନ କରିବାରେ ପ୍ରମୁଖ ଭୂମିକା ନିଭାଇ ଥିଲେ । ଅନ୍ୟ ପାଇଁ ଗାତ ଖୋଳିଲେ, ନିଜେ ସେହି ଗାତରେ ପଡ଼ିବ, ଯେଉଁ କର୍ମ ମଞ୍ଜି ବୁଣିବ, ସେହି କର୍ମ ଫଳ ନିଜେ ଅମଳ କରିବ,ଏହା ପ୍ରକୃତିର ନିୟମ, ଏଥିରୁ କେହି ବାଦ୍ ଯାଇନାହାନ୍ତି କି ଯାଇ ପାରିବେ ନାହିଁ । କିନ୍ତୁ ନିଜ ସ୍ୱାଭିମାନ ଜଳାଞ୍ଜଳି ଦେଇ ସେହି କୃତଘ୍ନ ବ୍ୟକ୍ତି ନିକଟରେ ଆତ୍ମସମର୍ପଣ କରିବା କେତେଦୂର ଯୁକ୍ତିଯୁକ୍ତ ତାହା ସମୟ କହିବ ।

**କୈଳାସ ଚନ୍ଦ୍ର ସାମନ୍ତରାୟ,**
ଅନ୍ତେଇ, ପାଟକୁରା

# କୋଠା ଗଢିପାରିନଥିଲେ ଗଢିଥିଲେ କିଛି ଭଲମଣିଷ



ଝିଙ୍କି ମହାକାଳି ଚକୁଳି

ସମରେନ୍ଦ୍ର ବଳିଆରସିଂହ

ସେ ଥିଲେ ଜଣେ ଋଷିପ୍ରତିମ ମଣିଷ। ହାଇସ୍କୁଲ ଶିକ୍ଷକ ଭାବେ ତାଙ୍କର ପେଶାଗତ ଜୀବନ ଆରମ୍ଭ ହେଇଥିଲା ଆଉ ସରିଥିଲା ପ୍ରାଇମେରୀ ସ୍କୁଲର ହେଡମାଷ୍ଟର ଭାବେ। ଖାଲି କ'ଣ ଶିକ୍ଷକତାର ଏଇ ପେଶା ଭିତରେ ସେ ସୀମିତ ହେଇଯାଇଥିଲେ? ନାଁ, ତାଙ୍କ ସୀମା ଥିଲା ସୀମାତୀତ... ନିଶା ଥିଲା ପରୋପକାର, ଦୁଃଖୀରଂକିଙ୍କ ସାହାଯ୍ୟ। ତାଙ୍କ ଦୟା ଓ ଆତ୍ମୀୟତାରେ ନ ଥିଲା ଲୋକଦେଖାଣିଆଭାବ, ନଥିଲା କିଛି ପାଇବାର ଆଶା, ନଥିଲା କିଛି ହରେଇବାର ଗ୍ଲାନି । ହଁ, ସିଏ ଥିଲେ ଦୀନବନ୍ଧୁ ସାହୁ। ...ଆଦର୍ଶ ଶିକ୍ଷକତା ପାଇଁ ସେ ପାଇଥିଲେ ରାଜପାଳ ପୁରସ୍କାର। ଶହୀଦନଗର ପ୍ରାଇମେରୀ ସ୍କୁଲରେ ହେଡମାଷ୍ଟର ଥିବାବେଳେ ଝିଅଟିଏ ଅପହୃତା ହୋଇଥିଲା ଆଉ ତାକୁ ଉଦ୍ଧାର କରିବାରେ ଦୀନବନ୍ଧୁ ବାବୁଙ୍କର ଥିଲା ମୁଖ୍ୟ ଭୂମିକା। ...ପୁଲିସ ସହ ଯୋଗାଯୋଗ ରଖି ବେଶ୍ ସାହସିକତାର ସହ ତ୍ୱରିତ ପଦକ୍ଷେପ ନେବା ଯୋଗୁଁ ଛାତ୍ରୀ ଜଣକୁ ଅପହର୍ତ୍ତାମାନଙ୍କ କବଳରୁ ରକ୍ଷା କରାଯାଇପାରିଥିଲା। ସେଇ ସମୟରେ ମିଳିଥିଲା ତାଙ୍କୁ ରାଜ୍ୟପାଳଙ୍କ ପୁରସ୍କାର । ...ତାଙ୍କ ଦୁଃସାହସର ଆଉ ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା, ସେ ସେତେବେଳେ ରାଜଧାନୀର ଚକେଇସିହାଣୀ ସ୍କୁଲରେ ଥିଲେ। ସ୍କୁଲ ପିଲାଙ୍କୁ ନେଇ ଖୋର୍ଦ୍ଧା ବରୁଣେଇ ପିକନିକରେ ଯାଇଥିବାବେଳେ ପାହାଡ଼ ଉପରେ କିଛି ମଦୁଆଙ୍କ ହାବୁଡ଼ରେ ସେମାନେ ପଡ଼ିଲେ। ମଦୁଆମାନେ ଅଡ଼ିବସିଲେ, ଆମେ ପିଲାଙ୍କୁ ଭୋଗ ଖୁଆଇବୁ।...ଦୀନବନ୍ଧୁ ବାବୁ ଉତ୍ତର ଦେଲେ, ଠିକ୍ ଅଛି, ମତେ ଭୋଗ ଦିଅ, ଆଗ ମୁଁ ଖାଇବି, ତା' ପରେ ପିଲାମାନେ ଖାଇବେ। ..ହେଲେ ମଦୁଆଙ୍କ ଜିଦ୍, ସେମାନେ ପିଲାଙ୍କୁ ଖୁଆଇବେ। ...ଯୁକ୍ତିତର୍କ ଚାଲିଲା, ହେଲେ ଦୀନବନ୍ଧୁ ବାବୁ ଅଟଳ ହେଇ ସେମାନଙ୍କର ମୁକାବିଲା କଲେ ଏବଂ ମଦୁଆମାନଙ୍କୁ ସେଠୁ ବିଦା କଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ଶହ ଶହ, ହଜାର ହଜାର ପିଲାଙ୍କୁ ମଣିଷ ପରି ମଣିଷଟିଏ କରିବାକୁ ଦୀନବନ୍ଧୁ ବାବୁ ଅହରହ ପରିଶ୍ରମ କରୁଥିଲେ। ...ପିଲାଙ୍କୁ କହୁଥିଲେ, 'ଭଲ ମଣିଷ ହୁଅ, କାହାର ଅମଙ୍ଗଳ କରନି, କାହାକୁ କଷ୍ଟ ଦିଅନି'। ଖାଲି କ'ଣ ପଢଉଥିଲେ ସିଏ ଗୀତ ଲେଖୁଥିଲେ, ଗୀତ ଗାଉଥିଲେ, ଚିତ୍ର ଆଙ୍କୁଥିଲେ, ନାଟକ ଲେଖୁଥିଲେ, ଅଭିନୟ ଆଉ ନିର୍ଦ୍ଦେଶନା ଦଉଥିଲେ, ତାବ୍‌ଲା, ଡଫ୍‌ଲୀ, ପଖଜ, ହାର୍‌ମୋନିୟମ୍ ବି ବଜଉଥିଲେ। ...ନାଇଁ ତାଲିକା ସେତିକିରେ ସରିନାହିଁ ଘଣ୍ଟା, କ୍ୟାମେରା, ରେଡିଓ, ଟେପ୍‌ରେକର୍ଡର, ଟିଭି, ଫ୍ରିଜ୍.. ସବୁକିଛିର ମରାମତି ବି ସେ ନିଜେ କରିଦଉଥିଲେ। ..ଭଲ ଫଟୋ ବି ଉଠେଇପାରୁଥିଲେ।...

ତାଙ୍କ ବେଶଭୂଷା ଥିଲା ଋଷିପ୍ରତିମ... ଶ୍ମଶ୍ରୁବର୍ଦ୍ଧିତ ମୁଖମଣ୍ଡଳରେ ଥିଲା ତାଙ୍କର ଦିବ୍ୟକାନ୍ତି। ଧୋତି ସାଙ୍ଗକୁ କୁର୍ତ୍ତା । ପରିଧେୟ ଯେମିତି ଶୁଭ୍ର, ମନ ସେମିତି ଶୁଭ୍ର ଆଉ ସରଳ। ...ଦିନକର ଘଟଣା: ବଜାର ସଉଦା କରିବାକୁ ଯାଇଥିଲେ ଦୀନବନ୍ଧୁ।...ଫେରିଲା ବେଳକୁ ସାଙ୍ଗରେ ଜଣେ ଆସିଛନ୍ତି, ବେଶଭୂଷାରୁ ଆଗନ୍ତୁକଙ୍କ ଦାରିଦ୍ର୍ୟତା ସ୍ପଷ୍ଟ ହେଇଯାଉଥିଲା। ପତ୍ନୀଙ୍କୁ କହିଲେ, ୟାଙ୍କ ପାଇଁ ଖାଇବାକୁ ବାଢ଼। ...ଦୁହେଁ ବସି ଖାଇଲେ, ଆଉ ତା'ପରେ ପତ୍ନୀଙ୍କୁ କହିଲେ ୟାଙ୍କୁ ଅଢେଇଶହ ଟଙ୍କା ଦିଅ।...ଏଥର ପତ୍ନୀ ପଚାରିଲେ, ଇଏ କିଏସେ?...ଅଢେଇଶହ ଟଙ୍କା କାହିଁକି ଦିଆଯିବ?...ସେଠୁ ଦୀନବନ୍ଧୁ ବାବୁ କହିଲେ, ଇଏ ବଜାରରେ ଭେଟହେଲେ, ତାଙ୍କର କିଛି ଟଙ୍କା ଦରକାର ଅଛି। ...ସେଇଥିପାଇଁ ତାଙ୍କୁ ଘରକୁ ଡାକିଆଣିଲି।...ପତ୍ନୀ କହିଲେ, ଇଏ ସତ କହୁଛନ୍ତି ବୋଲି କେମିତି ଜାଣିଲ?...ଦୀନବନ୍ଧୁ ବାବୁଙ୍କ ଉତ୍ତର ଥିଲା, ହଁ, ଇଏ ସତ କହୁଛନ୍ତି, ମୋ ଆତ୍ମା କାଇଁ ଡାକୁଚି, ତାଙ୍କର ଦରକାର, ଜଲଦି ଟଙ୍କା ଦେଲା। ...ପାଠକେ, ଏମିତି ଘଟଣା ଥରେ, ଦି ଥର ନୁହଁ, ଶହ ଶହ ଥର ହେଇଚି ଦୀନବନ୍ଧୁ ବାବୁ ଓ ତାଙ୍କ ପରିବାରସଦସ୍ୟଙ୍କ କ୍ଷେତ୍ରରେ। ଆଉ ଏଭଳି ଘଟଣାମାନଙ୍କୁ ନେଇ ପରିବାରରେ ମନାନ୍ତର ହେଇଚି। ...ବେଳେବେଳେ ଭିକାରୀମାନଙ୍କୁ ଘରକୁ ଡାକି ଆଣି ପେଟେ ଖୁଆନ୍ତି ଆଉ ଟଙ୍କା କିଛି ଦେଇ ଛାଡନ୍ତି। ...ବନ୍ଧୁବାନ୍ଧବ, ସାଙ୍ଗସାଥୀ, ପାଖପଡ଼ୋଶୀ, ଚିହ୍ନାଜଣା... ଯିଏ ଯେତେବେଳେ ଟଙ୍କା ମାଗନ୍ତି, ଦେଇଦିଅନ୍ତି। ...ଶହ ଶହ ଟଙ୍କା ନୁହଁ, ହଜାର ହଜାର ଟଙ୍କା ସିଏ ଏମିତି ଦାନ କରିଦେଇଛନ୍ତି। ...ଅନେକ ତାଙ୍କର ଏଭଳି ଦାନଶୀଳତାରୁ ବେଶ୍ ଫାଇଦା ମାରିଛନ୍ତି। ...ଟଙ୍କା ଧାର ନେଇଛନ୍ତି ଆଉ ଫେରେଇନାହାନ୍ତି କି ଦୀନବନ୍ଧୁ ବାବୁ ସେ ଟଙ୍କା ଫେରିପାଇବାକୁ କେବେ ଆଶା ରଖିନାହାନ୍ତି। ...ଚାକିରି ସରିଲା ବେଳକୁ ଆର୍ଥିକ ଅବସ୍ଥା ଏମିତି ହେଇଚି ଯେ, ଘର କରିବାକୁ ଆଶାନୁରୂପ ଅର୍ଥ ପାଖରେ ନାହିଁ। ...ଅର୍ଥ ନ ଥାଉ ପଛେ, ଦୁଇ ପୁଅ ଆଉ ଗୋଟିଏ ଝିଅକୁ ମଣିଷ କରିଦେଇଛନ୍ତି। ...ସେମିତି ତାଙ୍କୁ ମଣିଷ କରିଥିଲେ ବାପା ସ୍ୱାଧୀନତା ସଂଗ୍ରାମୀ ଧୋବେଇ ସାହୁ। ଅନୁଗୁଳ ନନ୍ଦପୁର ଅଞ୍ଚଳର ଏଇ ସଂଗ୍ରାମୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ, ପବିତ୍ର ମୋହନ ପ୍ରଧାନ ଓ ନିଜ ଗାଁର ଦୁର୍ଗାଚରଣ ପ୍ରଧାନ ଓ କାଳିଆ ବେହେରା ପ୍ରମୁଖଙ୍କ ସହ ମିଶି ଇଂରେଜ ସରକାର ବିରୋଧରେ ଲଢେଇ କରିଥିଲେ। ...ବହୁବାର ଜେଲ୍ ବି ଯାଇଥିଲେ। ଚୌଦ୍ୱାର, ଅନୁଗୁଳ ଓ ପାଟନା ଜେଲ୍‌ରେ ବହୁବର୍ଷ ବନ୍ଦୀ ଜୀବନ କଟେଇଛନ୍ତି ସେ। ...ତାଙ୍କରି ପ୍ରଭାବ ପଡ଼ିଥିଲା ପିଲାମାନଙ୍କ ଉପରେ। ...ତିନିପୁଅ ଶିକ୍ଷକ ଦ୍ୱିତୀୟ ପୁଅ ଦୀନବନ୍ଧୁଙ୍କ ସମେତ ବଡ଼ପୁଅ ଓ ସବାସାନ ପୁଅ ଶିକ୍ଷକ ହେଲେ, ଆଉ ଜଣେ ଫରେଷ୍ଟର ହେଲେ ।

ଦୀନବନ୍ଧୁ ବାବୁ ଭାରି ପଶୁପକ୍ଷୀପ୍ରେମୀ ଥିଲେ। ଘରେ ବହୁସଂଖ୍ୟାରେ ବିଲେଇ, କୁକୁର ଆଉ ବିଭିନ୍ନ ରକମର ଚଢେଇ ପାଳନରେ ତାଙ୍କର ବେଶ୍ ସଉକ ଥିଲା। ପଶୁପକ୍ଷୀଙ୍କ ପାଇଁ ଘରୁ ଆଉ ବାହାରୁ ବିରୋଧରୁ ସମ୍ମୁଖୀନ ହେଇଥିଲେ ବି ସେଥିରୁ ସେ ବିରତ ରହିନାହାନ୍ତି। ସବୁବେଳେ କୁହନ୍ତି, ପଶୁପକ୍ଷୀଙ୍କର ବି ଆମ ଭଳି ଜୀବନ ଅଛି, ମଣିଷକୁ ସ୍ନେହ, ଶ୍ରଦ୍ଧା କରିବା, ସେମାନଙ୍କୁ କରିବାନି। ...କେବଳ ଘରେ ପାଳୁଥିବା ପଶୁପକ୍ଷୀ ନୁହଁ, ବାଟରେ ଘାଟରେ ବି ପଶୁପକ୍ଷୀଙ୍କି ଶ୍ରଦ୍ଧା। ...ସେଇ କାରଣରୁ ପଡ଼ୋଶୀମାନଙ୍କ ରୋଷଭାଜନ ହୋଇଥିଲେ। ବୁଲାକୁକୁରଙ୍କୁ ଖାଇବାକୁ ଦେଉଥିବା ହେତୁ ଏକଦା ପଡ଼ୋଶୀମାନେ ସେଇ କୁକୁରମାନଙ୍କ ଖାଇବାରେ ବିଷ ଦେଇଦେଇଥିଲେ। କିଛି ସମୟ ପରେ ଖବର ପାଇ ସେଠି ପହଞ୍ଚିଲେ ଦୀନବନ୍ଧୁ ବାବୁ। ...କିଛି କୁକୁର ମରିକି ପଡ଼ିଥିଲେ। ସଂଭାଳି ନପାରି ବିଷ ଖାଇ ଯନ୍ତ୍ରଣାରେ ଛଟପଟ ହଉଥିବା ଗୋଟେ ଛୁଆ କୁକୁରକୁ ଧରିପକେଇଲେ... ପାଗଳପ୍ରାୟ ସେଇ କୁକୁରଟି ତାଙ୍କ ହାତକୁ କାମୁଡ଼ିଦେଇଥିଲା। ..ଏଇଭଳି ଘଟଣା ଅନେକ ଥର ଘଟିଚି, ଆଉ ସେସବୁର ବାରମ୍ବାର ପୁନରାବୃତ୍ତି ବି ଘଟିଚି। ଅନୁସୂଚୀନ ଜାତି, ଜନଜାତି ବର୍ଗର ଲୋକମାନଙ୍କୁ ଭାରି ଭଲ ପାଉଥିଲେ ଦୀନବନ୍ଧୁ ବାବୁ। ଅନେକ ସମୟରେ ରାସ୍ତାରେ ବୁଲୁଥିବା କିମ୍ବା ସ୍କୁଲରେ ପଢୁଥିବା ହରିଜନ ପିଲାମାନଙ୍କୁ ଘରକୁ ଆଣି ସେମାନଙ୍କୁ ଖୁଆଇପିଆଇ ଛାଡୁଥିଲେ। ଗାଁରେ ପଛୁଆ ବର୍ଗର ଲୋକମାନଙ୍କୁ ଭାରି ଶ୍ରଦ୍ଧା କରୁଥିଲେ। ...ଏ କ୍ଷେତ୍ରରେ ସ୍ୱାଧୀନତା ସଂଗ୍ରାମୀ ବାପାଙ୍କ ପ୍ରଭାବ ବେଶ୍ ପଡ଼ିଥିଲା। ...କାରଣ ଗାନ୍ଧିଜୀଙ୍କ ଆହ୍ୱାନରେ ସଂଗ୍ରାମୀମାନେ ସେତେବେଳେ ଛୁଆଁଅଛୁଆଁର ଭେଦଭାବ ଦୂର କରିବାକୁ ପ୍ରୟାସ କରୁଥିଲେ। ଦୀନବନ୍ଧୁ ବାବୁ ଭଲ ଚିତ୍ର ଉତ୍ତୋଳନ କରୁଥିଲେ। ଆଦିବାସୀ ଅଞ୍ଚଳ ବୁଲି ସେମାନଙ୍କର ପରମ୍ପରା, ସଂସ୍କୃତି ଓ ସମସ୍ୟା ସହ ପରିଚିତ ହେଉଥିଲେ। ଅନେକ ସମୟରେ ସେଇ ଚିତ୍ରକୁ ନେଇ ବୃତ୍ତଚିତ୍ର ମଧ୍ୟ ପ୍ରସ୍ତୁତ କରୁଥିଲେ। ..ଏଥିପାଇଁ ରାଜଧାନୀରେ ଷ୍ଟୁଡ଼ିଓଟିଏ ମଧ୍ୟ କରିଥିଲେ।

ଏପ୍ରିଲ ପହିଲା ୧୯୪୭ ମସିହାରୁ ୩୦ ନଭେମ୍ବର ୨୦୧୨: ମାତ୍ର ୬୫ ବର୍ଷ ଥିଲା ଦୀନବନ୍ଧୁଙ୍କ ଆୟୁ। ଏଇ ଆୟୁ ଭିତରେ ନିଜକୁ ନିଃସ୍ୱ କରି ସେ ବହୁତ କିଛି ଦେଇଛନ୍ତି ଏ ସମାଜକୁ। ଠିକଣା ବାଟରେ ଏ ସମାଜକୁ ଚଳେଇବା ପାଇଁ ବହୁ ଭଲ ମଣିଷ ସେ ତିଆରି କରିଛନ୍ତି ବହୁ ଅଭାବୀ, ଗରିବ, ଦୁଃଖୀରଂକିଙ୍କି ଅକାତରେ ସାହାଯ୍ୟ କରିଛନ୍ତି। ରେଢାଖୋଲର ପବିତ୍ର ମୋହନ ହାଇସ୍କୁଲରୁ ଶିକ୍ଷକତା ଆରମ୍ଭ କରି ତା'ପରେ ସେ ଆସିଥିଲେ ରାଜଧାନୀର ଡି.ଏମ୍. ସ୍କୁଲ, ୟୁନିଟ୍-୯ ଓଏସସିବି ପ୍ରାଇମେରୀ ସ୍କୁଲ, ଚକେଇସିଆଣୀ ପ୍ରାଇମେରୀ ସ୍କୁଲ, ୟୁନିଟ୍-୨ ପ୍ରାଇମେରୀ ସ୍କୁଲ, ଆଇଆରସି ଭିଲେଜ ପ୍ରାଇମେରୀ ସ୍କୁଲ ଆଉ ଶେଷରେ ଶହୀଦନଗର ପ୍ରାଇମେରୀ ସ୍କୁଲରୁ ପ୍ରଧାନଶିକ୍ଷକ ଭାବେ ଅବସର ଗ୍ରହଣ। ...ପେଶା ଆଉ ନିଶାରେ ବନ୍ଧ ବାନ୍ଧି ଦୀନବନ୍ଧୁ ଦେଖେଇଦେଇଯାଇଛନ୍ତି, ଭଲ ମଣିଷ କେମିତି ହୁଅନ୍ତି। ...ଦୀନବନ୍ଧୁ ବାବୁ ନିଜ ଜୀବନରେ ଗାଡ଼ିଘୋଡ଼ା କରିପାରିନଥିଲେ, କୋଠାଫୋଠା ଗଢିପାରିନଥିଲେ ହେଲେ ଗଢିଥିଲେ କିଛି ଭଲମଣିଷ, ଶିଖେଇଯାଇଥିଲେ ମଣିଷପଣିଆ କ'ଣ, ଜୀବନ କ'ଣ!

*ବଙ୍କି ଜଗବନ୍ଧୁ ନଗର, ଖୋର୍ଦ୍ଧା*
*ମୋ. ୮୨୪୯୬୭୯୦୯୯*

